# Akashvani, Sambalpur

## SAMBALPURI NEWS EVENING BULLETIN

## 25 May 2026-7.02- 7.12 pm.

---

୧- ନୂଆଦିଲ୍ଲୀ ନ ପହେଲା ଖେପେ୍ ପଦ୍ମ ପୁରସ୍କାର୍ ପ୍ରଦାନ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଓଡ଼ିଶାର ମହେନ୍ଦ୍ର କୁମାର୍ ମିଶ୍ର ପାଏଲେ ପଦ୍ମଶ୍ରୀ ସମ୍ମାନ୍ ।

୨- ରାଏଜେ ମୋଡ଼େଲ୍ ଭିଲେଜ୍ ମିଶନ୍ ଆଉ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜ୍ନାର୍ ହେଲା ଶୁଭାରମ୍ଭ ।

୩- ରାଏଜେ ଆଏବା ୨୭ ବଦ୍‌ଲେ ୨୮ ତାରିଖ୍ ଦିନ ଇଦ୍-ଉଲ୍-ଜୁହା ଛୁଟି ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ରାଏଜେ ଜାରି ରହିଛେ ଗ୍ରୀଷ୍ମପ୍ରବାହ ।

- ଜବର୍ ଗରମ୍ ଆଉ ଗୁଳଗୁଳିକେ ନେଇକରି ୧୬ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ପଦ୍ମପୁରସ୍କାର୍       ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ପହେଲା ଖେପ୍ ବେସାମରିକ୍ ସମ୍ମାନ୍ ପଦ୍ମପୁରସ୍କାର୍ ପ୍ରଦାନ୍ କରିଛନ୍ । ରାଷ୍ଟ୍ରପତି ଭବନ୍ ନ ହେଇଥିବା ସମାରୋହଥି ପଦ୍ମବିଭୂଷଣ୍, ପଦ୍ମଭୂଷଣ୍ ଆଉ ପଦ୍ମଶ୍ରୀ ବିଜେତା ୬୬ ଝନ୍‌କୁ ପୁରସ୍କୃତ୍ କରାଯାଇଛେ । ସମାରୋହଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରମୁଖ ଉପସ୍ଥିତ୍ ଥିଲେ । ଆଏଜ୍ ୨ ଝନ୍ ପଦ୍ମବିଭୂଷଣ୍, ୬ ଝନ୍ ପଦ୍ମଭୂଷଣ୍ ଆର୍ ୫୮ ଝନ୍ ପଦ୍ମଶ୍ରୀ ବିଜେତାଙ୍କୁ ପୁରସ୍କୃତ୍ କରାଯାଇଛେ । ଇ ବଛର୍ ମୋଟ୍ ଶହେ ୩୧ ଝନ୍‌କୁ ପଦ୍ମ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ଓଡ଼ିଶା ନୁ ମହେନ୍ଦ୍ର କୁମାର୍ ମିଶ୍ର, ଚରଣ୍ ହେମ୍ବ୍ରମ୍, ଶରତ୍ କୁମାର୍ ପାତ୍ର ଆଉ ସୀମାଂଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ୍ ହେଇଥିବାର୍ ବେଲେ ମହେନ୍ଦ୍ର କୁମାର୍ ମିଶ୍ର ଆଏଜ୍ ପୁରସ୍କୃତ୍ ହେଇଛନ୍ । ୨ ନମ୍ବର୍ ପୁରସ୍କାର୍ ପ୍ରଦାନ୍ ସମାରୋହର କାର୍ଯ୍ୟସୂଚୀ ପଛେ ଘୋଷ୍‌ନା କରାଯିବା । ଫି' ବଛର୍ ଗଣତନ୍ତ୍ର ଦିବସ୍ ଅବ୍‌ସରେ ଇ ପୁରସ୍କାର୍ ଘୋଷ୍‌ନା କରାଯାଏସି । କଳା, ସମାଜ୍‌ସେବା, ବିଜ୍ଞାନ୍ ଆଉ ଇଞ୍ଜିନିୟରିଂ, ବାଣିଜ୍ୟ

ଆଉ ଶିଳ୍ପ, ଔଷଧ, ସାହିତ୍ୟ, ଶିକ୍ଷା, ଆଉ କ୍ରୀଡ଼ା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ପଦ୍ମପୁରସ୍କାର୍ ପ୍ରଦାନ୍ କରାଯାଏସି ।

ପ୍ରଧାନ୍‌ମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ସାକ୍ଷାତ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନୂଆଦିଲ୍ଲୀ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସାକ୍ଷାତ କରିଛନ୍ । ଇ ସମିଆଥି ରାଜ୍ୟ ସର୍‌କାର୍‌ଙ୍କର୍ ୨ ନମ୍ବର୍ ବଛର୍‌ପୂର୍ତି ଉତ୍ସବ୍‌ଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନିଉତା ଦେଇଛନ୍ । ଓଡ଼ିଶାର୍ ଭିତିଭୂମିର୍ ବିକାଶ୍, ପୁଞ୍ଜିନିବେଶ୍ ସୁଯୋଗ୍‌ର ସମ୍ପ୍ରସାରଣ୍ ଆଉ ପ୍ରମୁଖ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍‌କୁ ଆଗ୍‌କେ ନେବାର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବାର୍ ଜନାପଡ଼ିଛେ ।

ଗ୍ରାମୀଣ୍ ରୂପାନ୍ତରଣ୍ ଆଇ.ଆଣ୍ଡ୍.ପି.ଆର୍

ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୪୭ ଦିଗେ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଆଏଜ୍ ଆଭାସୀ ଜରିଏ ମୋଡ଼େଲ୍ ଭିଲେଜ୍ ମିଶନ୍ ଆଉ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜ୍‌ନା ସାରା ରାଏଜେ ଶୁଭାରମ୍ଭ କରିଛନ୍ । ମୋଡ଼େଲ୍ ଭିଲେଜ୍ ମିଶନ୍ ଅଧୀନ୍‌ଥି ୬ ଶହ ୭୩ ଟା ଗ୍ରାମ୍ ପଂଚାୟତ୍‌ର ସଦର୍ ଗାଁକେ ୨୦୨୯ ମସିହାତକ୍ ମୌଳିକ୍ ଭିତିଭୂମି ଆଉ ସହରାଂଚଲ୍ ସ୍ତରର୍ ସୁବିଧା ଯୁଗେଇ କରି ଆତ୍ମନିର୍ଭରଶୀଳ କରାଯିବା । ପହେଲା ପଦକ୍ଷେପ୍ ହିସାବେ ଆଏଜ୍ ବେସ୍‌ଲାଇନ୍ ସର୍ଭେ ଫର୍ମାଟ୍ ଉନ୍ମୋଚନ୍ କରାଯାଇଛେ । ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଶକ୍ତି ବାଗିର୍ ଭିନ୍ ଭିନ୍ ବିଭାଗ୍‌କେ ନେଇକରି ରାଜ୍ୟ ଆଉ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଭିଲ୍ ଗଠନ୍ କରାଯାଇଛେ । ସେନ୍ତା ମହାପୁରୁଷ ଆଦର୍ଶ ଗ୍ରାମ ଯୋଜ୍‌ନାଥି ୨୦୨୬-୨୯ ଭିତ୍‌ରେ ରାଜ୍ୟର୍ ୧୦ ନୁ ଶହେ ୫୦ ଟା ଗ୍ରାମ୍ ପଂଚାୟତ୍‌କେ ମହାପୁରୁଷମାନ୍‌କର୍ ଜନ୍ମସ୍ଥଳୀ ଭାବେ ଚିହ୍ନଟ୍ କରାଯାଇକରି ସାମଗ୍ରିକ୍ ବିକାଶ୍ କରାଯିବା । ପହେଲା ଖେପେ ୧୨ ଟା ଜିଲ୍ଲାର୍ ୧୫ ଟା ପଂଚାୟତ୍ ନ ଇ କାମ୍ ମୁଲ୍ ହେବା । ଇ ପଦକ୍ଷେପ୍ ଗ୍ରାମୀଣ୍ ଓଡ଼ିଶାକେ ନୂଆଁ ଦର୍‌ଜାକେ ନେଇଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଏସ୍‌ଆଇଆର୍-ପ୍ରଶିକ୍ଷଣ୍ ଶିବିର ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ୩୦ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍‌ଆଇଆର୍ ଲାଗି ଭିନ୍ ଭିନ୍ ନିର୍ବାଚନ୍ ମଣ୍ଡଲୀନୁ ବୁଥ୍‌ସ୍ତରୀୟ ଅଧିକାରୀ ଆଉ ସୁପର୍‌ଭାଇଜର୍‌ମାନ୍‌କର୍ ପ୍ରଶିକ୍ଷଣ୍ ଶିବିର୍ ଭୁବ୍‌ନେଶ୍ୱର୍ ଆଏଜ୍ ହେଇୟାଇଛେ । ଭୋଟର୍ ତାଲିକାକେ ଅଏତ୍‌କା ତ୍ରୁଟିଶୂନ୍ୟ କର୍‌ବାର୍ ଲକ୍ଷ୍ୟଥି କ୍ଷେତ୍ର ପ୍ରସ୍ତୁତି ଆଉ ସର୍‌କାରୀ ନିୟମାବଳୀ ପାଲନ୍ ଉପ୍‌ରେ ଜୋର୍ ଦିଆୟାଇଛେ । ରାଏଜେ ହେଉଥିବା ଜବର୍ ଖରା ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ବିଏଲ୍‌ଓ ମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଗୁଟେ ଖାସ୍ ମାର୍ଗଦର୍ଶିକା ଜାରି କରିଛନ୍ । ସଖାଲର୍ ୬ ନୁ ୧ ବଜେତକ୍ ଆଉ ଉପର୍‌ବେଲା ୪ ନୁ ବେଲ୍‌ବୁଡ଼ର୍ ୭ ବଜେତକ୍ କ୍ଷେତ୍ର କାମ୍ କରାୟିବା ବଲି ମାର୍ଗଦର୍ଶିକାଥି କୁହାୟାଇଛେ ।

ରାଜସ୍ୱ ମନ୍ତ୍ରୀ- ସମୀକ୍ଷା ଦେବ୍‌ଗଡ଼୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍‌ର କଣ୍ଢେଇ ପଂଚାୟତ୍‌ର ବାଲିପୋଷି ହସ୍ତଶିଳ୍ପ କେନ୍ଦ୍ର, ସମର୍‌ଖାଇ ଆୟୁଷ୍ମାନ୍ ଆରୋଗ୍ୟମ୍ ମନ୍ଦିର୍ ଆଉ କଳାମାଟି ବଣିଆକିଲିଣ୍ଡା ଏଂଟର୍‌ପ୍ରାଇଜେସ୍ ପରିଦର୍ଶନ୍ କରିକରି ସ୍ଥାନୀୟ ଲୁକଙ୍କର୍ ସୁବିଧା, ଅସୁବିଧା ବୁଝିଛନ୍ । ତାର୍ ଉତ୍‌ରୁ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ ୨୦୨୬-୨୭ ବଛର୍ ଲାଗି ଜିଲ୍ଲାର୍ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବାର୍ ପାଏନ୍, ରାସ୍ତା, ଅନ୍ତ୍ୟୋଦୟ ଗୃହ, ପ୍ରଧାନ୍‌ମନ୍ତ୍ରୀ ଜନ୍‌ମନ୍ ବାଗିର୍ ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍‌ର ସମୀକ୍ଷା କରିଛନ୍ । ବୈଠକଥି ଦେବ୍‌ଗଡ୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାପାଳ୍‌ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପ୍ରେକ୍ଷାଳୟ ଶିଳାନ୍ୟାସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପଂଚାୟତିରାଜ୍ ବ୍ୟବସ୍ଥାକେ ଅଏତ୍କା ସଶକ୍ତ, ବର୍କସ୍ ଆଉ ଅତ୍ୟାଧୁନିକ୍ କର୍ବାର୍ ଲାଗି ଭୁବନେଶ୍ୱର୍ ନ ଥିବା ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ପରିସର୍ ନ ପଂଚାୟତିରାଜ୍ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଗୁଟେ ଅତ୍ୟାଧୁନିକ୍ ପ୍ରେକ୍ଷାଳୟ ଶିଳାନ୍ୟାସ୍ କରିଛନ୍ । ୩୨ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍ଥିବା ଇ ପ୍ରେକ୍ଷାଳୟଥି ୪ ଶହ ୫୦ ଆସନ୍ ରହେବା । ନିର୍ବାଚିତ୍ ଜନପ୍ରତିନିଧି ଆଉ ସର୍କାରୀ ଅଧିକାରୀମାନ୍କୁ ଇନ ପ୍ରଶିକ୍ଷଣ୍ ଦିଆଯିବା । ଦୀର୍ଘସ୍ଥାୟୀ ବିକାଶ୍ ଲାଗି ସ୍ଥାନୀୟକରଣ୍, ଗଣତାନ୍ତ୍ରିକ୍ ବିକେନ୍ଦ୍ରୀକରଣ୍ ଆଉ ସୁଶାସନ୍ ଦିଗେ ଇ ପ୍ରେକ୍ଷାଳୟ ସାହାଜ୍ କର୍ବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଇଦ୍-ଉଲ୍-ଜୁହା ଛୁଟି ଆଇ.ଆଣ୍ଡ୍.ପି.ଆର୍

ରଜ୍ୟା ସର୍କାର୍ ଇଦ୍-ଉଲ୍-ଜୁହା ଲାଗି ଆଏବା ୨୭ ତାରିଖ୍ ବଦ୍ଲେ ୨୮ ତାରିଖ୍ ଦିନ ଛୁଟି ଘୋଷ୍ନା କରିଛନ୍ । ୨୮ ତାରିଖ୍ ଦିନ ରାଜ୍ୟର୍ ସବୁ ସର୍କାରୀ କାର୍ଯ୍ୟାଳୟ ଆଉ

ମାଜିଷ୍ଟ୍ରିଆଲ୍ କୋର୍ଟ ବନ୍ଦ୍ ରହେବା । ୨୭ ତାରିଖ୍ ସବୁ ଦିନ୍ ବାଗିର୍ ସର୍କାରୀ କାର୍ଯ୍ୟାଳୟ ଖୁଲା ରହେବା ବଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଗଜପତିଙ୍କର୍ ଶ୍ରାଦ୍ଧବାର୍ଷିକୀ ଆର୍ଏନ୍ୟୁ/ କଟକ୍

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ୍ ଦେବଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍ସରେ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ବିଧାନ୍ସଭା ପରିସର୍ ନ ଥିବା ମହାରାଜାଙ୍କର୍ ପ୍ରତିମୂର୍ତ୍ତିଥି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ମଣ୍ଡଳର ସଦସ୍ୟ ଆଉ ବିଧାୟକ୍ମାନେ ଉପସ୍ଥିତ୍ ରହିକରି ମାଲ୍ୟାର୍ପଣ୍ କରିଛନ୍ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତିର୍ ସୁରକ୍ଷା ଆଉ ବିଚ୍ଛିନ୍ନାଂଚଲ୍କେ ଏକ୍ କର୍ବାର୍ ଲାଗି ତାଙ୍କର୍ ତ୍ୟାଗ ଆଉ ସଂଘର୍ଷ ଇତିହାସ୍ର ପୃଷ୍ଠାଥି ଲିପିବଦ୍ଧ ହେଇକରି ରହିଛେ । ସେ ଶିକ୍ଷା ଆଉ କୃଷିର୍ ବିକାଶ୍ ଲାଗି ନିଜର୍ ଜୀବନ୍କେ ଉତ୍ସର୍ଗ

କରିଥିଲେ ବଲି ଶ୍ରୀ ସିଂହଦେଓ କହିଛନ୍ । ଓଡ଼ିଆ ଜାତିର୍ ସ୍ୱାଭିମାନ୍ ଭାଷା ଆଉ ସଂସ୍କୃତିର୍ ସୁରକ୍ଷା ଆଉ ଏକତ୍ରୀକରଣ୍ ଲାଗି ମହାରାଜାଙ୍କର୍ ତ୍ୟାଗ ଆଉ ଦୂରଦୃଷ୍ଟି ସବୁବେଲେ ପ୍ରେରଣା ଯୁଗାବା ବଲି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ରଥ ନିର୍ମାଣ          ପୁରୀ ସମ୍ବାଦଦାତା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ରଥଖଲା ନ ତିନ୍‌ହି ରଥ ତିଆର୍ କାମ୍ ଜାରି ରହିଛେ । ରଥର୍ ଗରଗରା ବିନ୍ଧ କାମ୍ ସହେତେ ୧୪ ନାହାକ ତିଆରି କାମ୍ ଶେଷ୍ ହେଇଛେ । ଆଏଜ୍ ପାଂଚଦଣ୍ଡାର ଚଉପଟ କାମ୍ ଅନୁକୂଳ ପୂଜା ଉତ୍‌ରୁ ରଥ ତିଆରି କାମ୍ ଚାଲିଛେ । ରଥଖଲା ପାଖେ କର୍‌ତି ସେବକ୍‌ମାନେ ପୋଲଗୟଲର ଚିରଟ କାମ୍ ଜାରି ରଖିଛନ୍ । ଦୋଲବେଦୀ, ଅସ୍ଥାୟୀ କମାରଶାଲା ନ ଓଝା ସେବକ୍‌ମାନେ ରଥର୍ ଦଣ୍ଡା ଆଉ ଅଖକେ ସଂଯୋଗ୍ କାମ୍ କରୁଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ବିଶ୍ୱ ଥାଇରଏଡ଼୍ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଥାଇରଏଡ଼୍ ରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଥାଇରଏଡ଼୍ ଦିବସ୍ । ଇ ରୋଗ୍‌ର କାରଣ୍, ପ୍ରଭାବ୍ ଆଉ ନିରାକରଣ୍ ବାବ୍‌ଦେ ଲୁକ୍‌କୁ

ଅଏତ୍‌କା ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖିଆ ଉଦ୍ଦେଶ୍ୟ ଆଏ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ହେଉଛେ 'ଥାଇରଏଡ୍ ଆଉ ପୋଷଣ୍' । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଲେଖ୍ ପ୍ରସାଦ୍ ମହାପାତ୍ର କହିଛନ୍,

(ଭଏସ୍ ଓଭର୍- ଅଲେଖ୍ ପ୍ରସାଦ୍ ମହାପାତ୍ର)

ଇ ଦିବସ୍ ପାଲନ୍ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋନ୍ କରାଯାଉଛେ ।

ଅଭିଯୋଗ୍ ଶୁଣାଣି ବୌଦ୍ଧ/ ଦେବ୍‌ଗଡ୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଳ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ପଲାସାଗୋରା ଗ୍ରାମ୍‌ପଂଚାୟତ୍ ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିରଥି ୬୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୨୩ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସମ୍ମିଳନୀ କକ୍ଷ ନ ଆସିଥିବା ଅଭିଯୋଗ୍ ମାନ୍‌କର ଶୁଣାଣି କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗରିପାଲି ବ୍ଲକ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୬୯ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ ବ୍ଲକ୍ କଲା ଗ୍ରାମ୍ ପଂଚାୟତ୍ ସମିତି ସମ୍ମିଲନୀ କକ୍ଷ ନ  ହେଇଥିବା ଶିବିର୍‌ଥି ୬୦ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ୍- ବର୍ଷା            ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ସହର ନ ଆଏଜ୍ ଉପର୍‌ବେଲା କାଳବୈଶାଖୀର୍ ପ୍ରଭାବ୍‌ଥି ଜବର୍ ଧୁକାଗର୍ଡ଼ି ସହେତେ ବର୍ଷା ହେଇଛେ । ଇତାର୍ ପ୍ରଭାବ୍‌ଥି ବର୍‌ଗଡ୍ ସହରର ହାଟ୍‌ପଦା ପାଖେ ଥିବା ଧନୁଯାତ୍ରାର୍ ମୁଖ୍ୟ ତୋରଣ ଭାଙ୍ଗିଯାଇଛେ । ଇ ଦୁର୍ଘଟଣାଥି ୨ ଝନ୍ ଆହତ୍ ହେଇଛନ୍ । ହେଲେ ଜିଲ୍ଲାର୍ ଅଲ୍‌ଗା ଜାଗାମାନ୍‌କେ ଧୁକାଗର୍ଡ଼ି ହେଇଥିଲେ ଭିଲ୍ ନୁକ୍‌ସାନ୍ ବାବ୍‌ଦେ ସୂଚ୍‌ନା ନାଇଁ ମିଲିଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।